## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

ଗୁଣପୁର,(ଡି.ଏନ.ଏ)-ରାୟଗଡ଼ା ଜିଲ୍ଲା ଗୁଣପୁର ସହର ବାଇପାସ ଛକ ରାସ୍ତାରେ ଥିବା ଏକ ଦୋକାନ ମରାମତି କାମ ଚାଲିଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗାଦିଆଖଲା ପଞ୍ଚାୟତ ପ୍ରଧାନିଗୁଡ଼ା ଗ୍ରାମର କେ. ରାଜୁ (୨୫)। ସେହିପରି ମୋତିଲାଲ ନଗର ଅଞ୍ଚଳର ପପୁନ୍ କୁମାର ଏଥିରେ ଗୁରୁତର ହୋଇଛନ୍ତି। ଦୋକାନରେ ଗ୍ରିଲ ପକାଇବା ନିମନ୍ତେ ୱେଲଡିଂ କାମ କରିବା ସମୟରେ ରାଜୁ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ।

## ସଂକ୍ଷେପରେ

### ଗୁଟିରେ ଜଗନ୍ନାଥଙ୍କ ପ୍ରତିଛବି



ଉମରକୋଟ,୨୨।୩(ସ୍ୱ.ପ୍ର.)-ଉମରକୋଟ ଟିକିରାସାହିର ବ୍ୟବସାୟୀ ସୁର ରାଉତଙ୍କ ଘରେ ସୋମବାର ତିଆରି ହୋଇଥିବା ଏକ ଗୁଟିରେ ମହାପ୍ରଭୁ ଜଗନ୍ନାଥଙ୍କ ପ୍ରତିଛବି ଦେଖାଯାଇଛି। ତାଙ୍କ ସ୍ତ୍ରୀ ଅନିତା ଓ ପରିବାର ଲୋକେ ଏହା ଦେଖି ଗୁଟିକୁ ଧୂପଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ। ଗୁଟିରେ ଥିବା ମହାପ୍ରଭୁଙ୍କ ପ୍ରତିଛବି ଦେଖିବାକୁ ତାଙ୍କ ଘରେ ଏବେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଛି।

### କାମୁଡ଼ିଥିବା ସାପକୁ ନେଇ ଡାକ୍ତରଖାନାରେ ପହଞ୍ଚିଲେ ଯୁବକ

ଉମରକୋଟ, ୨୨।୩(ସ୍ୱ.ପ୍ର.)- ବିଲରେ କାମ କରିବା ବେଳେ ସୋମବାର ଅପରାହ୍ନରେ ଏକ ସାପ ଝରିଗାଁ ବ୍ଲକ ଛୋଟାଗୁଡ଼ା(ୟୁଭି ୫୧) ଗ୍ରାମର ସୁଧାଂଶୁ ସିଲ(୩୫)ଙ୍କୁ କାମୁଡ଼ିଦେଇଥିଲା। ଏହାପରେ ସେ ସାପ ସହ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ। ସାପଟିକୁ ଦେଖି କିଛି ସମୟ ସେଠାରେ ଭୟର ବାତାବରଣ ଦେଖାଦେଇଥିଲା। ଡାକ୍ତର ତାଙ୍କର ପ୍ରାଥମିକ ଚିକିତ୍ସା କରିଥିଲେ। ସାପଟିକୁ ନିକଟସ୍ଥ ଜଙ୍ଗଲରେ ଛଡାଯାଇଛି। କେଉଁ ସାପ କାମୁଡ଼ିଛି ତାହା ଜାଣିବା ସହଜ ହେବ ବୋଲି ସାପଟିକୁ ନେଇ ଡାକ୍ତରଖାନା ଆସିଥିଲେ ବୋଲି ସୁଧାଂଶୁ କହିଛନ୍ତି।

### ସହରକୁ ସ୍ୱଚ୍ଛ, ସୁନ୍ଦର ରଖିବା ନେଇ ଆଲୋଚନା



ନବରଙ୍ଗପୁର, ୨୨।୩ (ବି.ପ୍ର.)-ନବରଙ୍ଗପୁରସ୍ଥିତ ଶୁଭ ଅଭିନନ୍ଦନ କଲ୍ୟାଣ ମଣ୍ଡପରେ ସୋମବାର ନବରଙ୍ଗପୁର ପୌରପାଳିକା ପକ୍ଷରୁ ସ୍ୱଚ୍ଛ ଚର୍ଚ୍ଚା ଦିବସ ପାଳିତ ହୋଇଛି। ପୌର ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଡିଆରଡିଏ ପିଡି ରମାକାନ୍ତ ନାୟକ ମୁଖ୍ୟ ଅତିଥି, ନବରଙ୍ଗପୁର ବିଡିଓ ସୁକାନ୍ତ ପଟ୍ଟନାୟକ, ଏପିଡି ରତ୍ନାକର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସହରକୁ ସ୍ୱଚ୍ଛ, ସୁନ୍ଦର କରି କରିବା ନେଇ ଆଲୋଚନା କରାଯାଇଛି। ପୌରପାଳିକାର ଟୁନା ଦାସ, ଲାଲୁ ଷଡ଼ଙ୍ଗୀ, ଅଶୋକ ମହାନ୍ତି, ସାନୁ ପ୍ରହରାଜ, ଜ୍ୟୋତି ପରିଛା, ଅଶୋକ ପଟ୍ଟନାୟକ, ସୁଧାଂଶୁ ଶତପଥୀ, ଗୁପ୍ତ ଗଉଡ଼ଙ୍କ ସମେତ ସମସ୍ତ କର୍ମଚାରୀ ଏବଂ ସ୍ୱଚ୍ଛ ସାଥୀ, ସୁପ୍ରଭାଇଜର ଏବଂ ଏସ୍ଏଚ୍‌ଜି ମହିଳାମାନେ ଉପସ୍ଥିତ ଥିଲେ।

### ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ଜିଲ୍ଲା ଶାଖା କର୍ମକର୍ତ୍ତା ଚୟନ

ନବରଙ୍ଗପୁର, ୨୨।୩ (ବି.ପ୍ର.)-ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ନବରଙ୍ଗପୁର ଜିଲ୍ଲା ଶାଖାର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଖଗପତି ପାତ୍ର ସଭାପତି, ରାଜୀବ ଲୋଚନ ମିଶ୍ର ଉପସଭାପତି, ରାଜେନ୍ଦ୍ର ନାୟକ ସମ୍ପାଦକ, ଗୁପ୍ତ ବେହେରା ଯୁଗ୍ମ ସମ୍ପାଦକ, ସୂର୍ଯ୍ୟଚନ୍ଦ୍ର ସାହୁ, ନବୀନ ବେହେରା ଉପଦେଷ୍ଟା ଏବଂ କୋଷାଧ୍ୟକ୍ଷ ଭାବେ ସଞ୍ଜୀବ କୁମାର ପଟ୍ଟନାୟକଙ୍କୁ ନିର୍ବାଚିତ କରାଯାଇଛି। ଏଥି ସହିତ ଜିଲ୍ଲାର ପ୍ରତ୍ୟେକ ସିଏଚ୍‌ସି ଏବଂ ପିଏଚ୍‌ସିରୁ ୨୦ଜଣ ସଭ୍ୟାସଭ୍ୟଙ୍କୁ ନିର୍ବାଚିତ କରାଯାଇଛି। ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ କଟକର କାର୍ଯ୍ୟକାରୀ ସଭାପତି ରାମଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂଘ ରାଜ୍ୟ ସଭାପତି ପ୍ରଭାକର ପଲେଇ, ଉପସଭାପତି ଲକ୍ଷ୍ମଣ ହରିଜନ, ପ୍ରସନ୍ନ କୁମାର ସାମଲ, ସାଧାରଣ ସମ୍ପାଦକ ଗଗନ ଚନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ନିର ମୁସ୍ତାକିମ ଅଲ୍ଲୀ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ମିଶ୍ରଣ ପର୍ବ

ପଦ୍ମପୁର,୨୧।୩(ଡି.ଏନ୍.ଏ.)-ପଦ୍ମପୁର ବ୍ଲକ୍ ଖିଲାପଦର ପଞ୍ଚାୟତ ଲଛମନଗୁଡ଼ା ଗ୍ରାମ ନିକଟରେ ଭାଜପା ଜିଲ୍ଲା ସଭାପତି ଶିବ ପଟ୍ଟନାୟକଙ୍କ ଅଧକ୍ଷତାରେ ଲଛମନଗୁଡ଼ା ଓ ଖିଲାପଦର ଗ୍ରାମରୁ ୧୦୦ରୁ ଉର୍ଦ୍ଧ୍ୱ ମହିଳା ଏବଂ ୨ଶହରୁ ଉର୍ଦ୍ଧ୍ୱ ଯୁବକ ଭାଜପାରେ ମିଶିଥିଲେ। ଦଳୀୟ କର୍ମୀ ଓ ନେତୃବୃନ୍ଦ ସ୍ଥାନୀୟ ସୁନାଭିଘାଇ ନିକଟରୁ ବାଇକ୍ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଲଛମନଗୁଡ଼ାରେ ପହଞ୍ଚିଥିଲେ। ରାୟଗଡ଼ା ଜିଲ୍ଲା ସମ୍ପାଦକ ରବିଶଙ୍କର ଗମାଙ୍ଗଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ୱାଇ. ଗଣପତି ରାଓ, ସାଧାରଣ ସମ୍ପାଦକ କିଶୋର ପଣ୍ଡା, ହରେକୃଷ୍ଣ ପାଢ଼ୀ, ସମ୍ପାଦକ ଦେବେନ୍ଦ୍ର ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ରାମଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

# ବ୍ଲକ୍ ଅଫିସ ଘେରିଲେ ଅଙ୍ଗନୱାଡ଼ି କର୍ମୀ

ପାପଡ଼ାହାଣ୍ଡି,୨୨।୩(ଡି.ଏନ୍.ଏ.)

ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏଶନ ଅଧୀନ ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକରେ କାର୍ଯ୍ୟରତ ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି କର୍ମୀ ସୋମବାର ୧୨ଦଫା ଦାବି ନେଇ ବ୍ଲକ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ରଞ୍ଜିତା ମଲିକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସ୍ଥାନୀୟ ନୀଳକଣ୍ଠେଶ୍ୱର ମନ୍ଦିରରୁ କର୍ମୀମାନେ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କାର୍ଯ୍ୟାଳୟ ଘେରାଉ କରିବା ସହ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଅଙ୍ଗନୱାଡ଼ି ଓ ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ



ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

ସରକାରୀ ମାନ୍ୟତା, ସୁପରଭାଇଜର ପଦବୀକୁ ଅଙ୍ଗନୱାଡ଼ି କର୍ମୀଙ୍କୁ ପଦୋନ୍ନତି ଓ ମିନି ଅଙ୍ଗନୱାଡ଼ି କର୍ମୀଙ୍କୁ ଅଙ୍ଗନୱାଡ଼ି କର୍ମୀର ମାନ୍ୟତା ଦେବାକୁ ଦାବି କରାଯାଇଛି। ଅଙ୍ଗନୱାଡ଼ି କର୍ମୀ ଚୟନ ସମୟରେ ପୂର୍ବଭଳି ଆଦିବାସୀ, ପଛୁଆବର୍ଗ ଓ ଗରିବ ଶ୍ରେଣୀ ପ୍ରାର୍ଥୀନୀଙ୍କୁ ଚୟନ,ଅଙ୍ଗନୱାଡ଼ି କର୍ମୀଙ୍କୁ ଗ୍ରୀଷ୍ମଦିନରେ

### ବିଡିଓଙ୍କୁ ୧୨ ଦଫା ଦାବିପତ୍ର

ଏକମାସ ଖରା ଛୁଟି, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା,ଜୀବନ ଜ୍ୟୋତି, ଆୟୁଷ୍ମାନ ଭାରତ ଚିକିତ୍ସା ଯୋଜନାରେ ସାମିଲ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ବେଳେ ଭାରତୀୟ ମଜଦୁର ସଂଘ ସମ୍ପାଦକ ପରମେଶ୍ୱର ବିଶୋଇ, ରାଜ୍ୟ ଉପସଭାପତି ସବିତା ନାୟକ, ଜିଲ୍ଲା ସଭାନେତ୍ରୀ ଭାଗ୍ୟବତୀ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦିକା ସନ୍ଧ୍ୟାରାଣୀ ବିଶ୍ୱାଳ, କୁମାରୀ ରୀତା, ଯମୁନା ଭତରା, ଦେବକୀ ଭତରାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ଲାଗି ପାପଡ଼ାହାଣ୍ଡି ଥାନାଧିକାରୀ ଶୁଭେନ୍ଦୁ ଶବରଙ୍କ ସମେତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# କଟକଣାରେ ସରିଲା ମା' ଏଲମାଙ୍କ ଝାମିଯାତ୍ରା

ଗୁଣପୁର,୨୨।୩(ଡି.ଏନ୍.ଏ.)



ରାୟଗଡ଼ା ଜିଲ୍ଲା ଗୁଣପୁରଠାରେ ମା' ଏଲମାଙ୍କ ପ୍ରସିଦ୍ଧ ଝାମିଯାତ୍ରା ରବିବାର ପାଳିତ ହୋଇଯାଇଛି। କରୋନା କଟକଣା ଯୋଗୁ ଏହି ଦିନିକିଆ ଯାତ୍ରାରେ ଚଳିତ ବର୍ଷ ଶ୍ରଦ୍ଧାଳୁଙ୍କ ଭିଡ଼ ଜମି ନ ଥିଲା। ଗୁଣପୁର ସହର ୪ନଂ. ୱାର୍ଡ କାଞ୍ଜିପଟିସ୍ଥିତ ସନ୍ଧି ଦେବତା ପୀଠରେ ମା'ଙ୍କ ପୂଜାର୍ଚ୍ଚନା ହୋଇଥିଲା। ଏକ ବୃକ୍ଷମୂଳେ ଅସ୍ଥାୟୀଭାବେ ମା'ଙ୍କ ପୂଜାର୍ଚ୍ଚନା କରାଯିବା ପରେ ପୁଣି ନିଜ ସ୍ଥାନକୁ ଫେରିଥିଲେ। ରାଜରାଜୁଡ଼ା ଅମଳରୁ ଦେବୀ ଏଲମାଙ୍କ ପୂଜା ଏଠାରେ ପାଳିତ ହୋଇଆସୁଛି। ଏହି ପୂଜା ଦ୍ୱାରା ଚର୍ମ ରୋଗ ଦୂର ହୋଇଥାଏ ବୋଲି ଲୋକଙ୍କ ମଧ୍ୟରେ ବିଶ୍ୱାସ ରହିଛି। ଶନିବାର ରାତିରେ ଦେବୀଙ୍କୁ ଆସ୍ଥାନରୁ ତଳକୁ ଓହ୍ଲାଯାଇଥିଲା। ସେହି ରାତିରେ ମା'ଙ୍କ ସମସ୍ତ ପୂଜା ନୀତି ପୂଜକଙ୍କ ଘରେ ସମାପନ ହୋଇଥିଲା। ଏହାପରେ ରବିବାର ମା'ଙ୍କୁ କାଞ୍ଜିପଟି ଆସ୍ଥାନକୁ ଆଣାଯାଇଥିଲା। ସେଠାରେ ଦିନ ତମାମ ପୂଜା ଅନୁଷ୍ଠିତ ହୋଇଥିଲା। ରାତିରେ ଯାତ୍ରା ସରିବା ପରେ ମା' ପୁଣି ନିଜ ଆସ୍ଥାନକୁ ଫେରିଥିଲେ। ମାର୍ତା ଟିରିଙ୍ଗିବି ଏବଂ ଅନ୍ୟମାନେ ପୂଜା କାର୍ଯ୍ୟ କରିଥିଲେ।

# କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ, ଜଣେ ଅଟକ

ମୁନିଗୁଡ଼ା/ବିଷମକଟକ, ୨୨।୩(ଡି.ଏନ୍.ଏ.)

ଆନ୍ଧ୍ରପ୍ରଦେଶରୁ ଛତିଶଗଡ଼ ଚାଲାଣବେଳେ ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ପୋଲିସ ସୋମବାର କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖିଛି।

ସୂଚନା ଅନୁଯାୟୀ, ଏକ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ବିଷମକଟକ ଏସ୍‌ଡିପିଓ ଆକାଶ ସାହୁଙ୍କ ନିର୍ଦ୍ଦେଶରେ ମୁନିଗୁଡ଼ା ଥାନାଧିକାରୀ ସୁଜ୍ଞାନୀ ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଗଠନ କରାଯାଇଥିଲା। ସୋମବାର ଭୋର୍ ସମୟରେ ଟିମ୍ ଟ୍ରକ୍(ଏପି୦୫ଟିଡି–୧୮୫୯)ଟିକୁ ହାଟମୁନିଗୁଡ଼ା ସ୍କୁଲ ନିକଟରେ ଅଟକାଇଥିଲେ। ଯାଞ୍ଚବେଳେ ସେଥିରୁ ୧୧ କୁଇଣ୍ଟାଲ ଗଞ୍ଜେଇ(୨୧୯ ପ୍ୟାକେଟ) ଜବତ କରାଯାଇଛି। ଟ୍ରକ୍ ଡାଲାରେ ଏକ ସ୍ୱତନ୍ତ୍ର ବାକ୍ସ ତିଆରି କରି ଚତୁରତାର ସହ ସେଥିରେ ଗଞ୍ଜେଇ ଚାଲାଣ ହେଉଥିବା ଜଣାପଡ଼ିଥିଲା। ବିଷମକଟକ ତହସିଲଦାର ଶୁଭେନ୍ଦୁ କୁମାର ଜେନାଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିଲା। ଅଟକ ବ୍ୟକ୍ତିଙ୍କୁ ଅଧିକ ପଚରା ଉଚରା କରିବା ସହ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।



ଟ୍ରକରୁ ଜବତ ଗଞ୍ଜେଇ ।

## ୫୭.୬ କେଜି ଗଞ୍ଜେଇ ଜବତ ଜଣେ ଗିରଫ, ୨ ଅଟକ

ରାୟଗଡ଼ା ଅଫିସ/ବିଷମକଟକ,୨୨।୩

ରାୟଗଡା ଜିଲ୍ଲା ଗୁଡାରି ପୋଲିସ ପାଟ୍ରୋଲିଂ ଟିମ୍ ରବିବାର ପାଟ୍ରୋଲିଂବେଳେ ମରାଠିଗୁଡ଼ା ଛକରେ ଜଣେ ବ୍ୟକ୍ତିଙ୍କ ନିକଟରୁ ୩୫.୬ କେ.ଜି. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ଗଞ୍ଜେଇ ଚାଲାଣ କରୁଥିବା ଲଡିଗୁଡ଼ା ଗ୍ରାମର ମୁତରାଙ୍ଗୀ(୬୫)ଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ମୁତରାଙ୍ଗୀ ରାୟଗଡ଼ା ଜିଲ୍ଲାରୁ କନ୍ଧମାଳ ଜିଲ୍ଲାକୁ ଗଞ୍ଜେଇ ଚାଲାଣ କରୁଥିଲେ। ଏସ୍ଆଇ ପି. ଜାନି ତାଙ୍କୁ ଦେଖି ସନ୍ଦେହରେ ଅଟକାଇଥିଲେ। ଯାଞ୍ଚବେଳେ ୨ ବ୍ୟାଗ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ଜଣାପଡ଼ିଥିଲା। ଏ ନେଇ ଗୁଡାରି ଥାନାରେ ୧୯/୨୧ରେ ଏକ ମାମଲା ରୁଜୁ କରାଯିବା ସହ ସମ୍ପୃକ୍ତ ମୁତୁରାଙ୍ଗୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ତାଙ୍କ ନିକଟରୁ ଗଞ୍ଜେଇ ସହ ୩ଶହ ଟଙ୍କା ଜବତ କରିଛି। ଏହି ଘଟଣାରେ ପୋଲିସ ଅଧିକ ତଦନ୍ତ ଚଳାଇଥିବା ସୂଚନା ମିଳିଛି। ସେହିପରି ବିଷମକଟକ ପୋଲିସ ରବିବାର ରାତ୍ରି ପାଟ୍ରୋଲିଂବେଳେ ଏକ କାର୍(ୟୁପି ୮୫ ବିଏଚ୍ ୯୨୧୬)ରୁ ୨୨ କେ.ଜି. ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ପୋଲିସ ଉତ୍ତର ପ୍ରଦେଶର ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଉକ୍ତ କାର୍ ଗୁଡାରି ଅଞ୍ଚଳରୁ ଉତ୍ତର ପ୍ରଦେଶ ଯାଉଥିଲା ବୋଲି ବିଷମକଟକ ଥାନାଧିକାରୀ ଯଶଓ୍ୱନ୍ତ ହିଆଲ ସୂଚନା ଦେଇଛନ୍ତି।

# ଚାମ୍ପିୟନ୍ସ ଟ୍ରଫି ହାତେଇଲା କଣ୍ଡାଗାଁ




ଅତିଥିମାନେ କଣ୍ଡାଗାଁ ଦଳକୁ ଚାମ୍ପିୟନ୍ସ ଟ୍ରଫି ପ୍ରଦାନ କରୁଛନ୍ତି ।

ନବରଙ୍ଗପୁର, ୨୨।୩ (ବି.ପ୍ର.)

### ବୀର ଯବାନ ରୋମିଓ ବେନିଆ ନାଇଟ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବୀର ଯବାନ ରୋମିଓ ବେନିଆ ନାଇଟ୍ କ୍ରିକେଟ ଟର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଉମରକୋଟକୁ ହରାଇ କଣ୍ଡାଗାଁ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ପୂର୍ବରୁ ଯବାନ ରୋମିଓ ବେନିଆଙ୍କ ଘରଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଖେଳପଡ଼ିଆ ପରିକ୍ରମା କରିଥିଲା। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି,ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର , ପୂର୍ବତନ ଜିଲ୍ଲା ବିଜେଡି ସଭାପତି ଅର୍ଜୁନ ତ୍ରିପାଠୀ, ଏମ୍‌ପିଙ୍କ ପ୍ରତିନିଧି ସୁନୀଲ ସାହୁ, ମିଲର ସଭାପତି ସଚ୍ଚି ଚୌଧୁରୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଉମରକୋଟ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। କୋଣ୍ଡାଗାଁ ଦଳ ବ୍ୟାଟିଂ କରି ୧୫ ଓଭରରେ ୮ ଉଇକେଟ ହରାଇ ୯୪ ରନ୍ କରିଥିଲା। ଜବାବରେ ଉମରକୋଟ ଦଳ ୧୩ ଓଭର ୪ ବଲରେ ସମସ୍ତ ଉଇକେଟ ହରାଇ ୬୮ ରନ କରିଥିଲା। କୋଣ୍ଡାଗାଁର ମହମ୍ମଦ ଆକ୍ରମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଉମରକୋଟ ଦଳର ଥିବିର ନାୟକ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ। ଚାମ୍ପିୟନ ଦଳକୁ ୩୦ ହଜାର, ଟ୍ରଫି ଓ ରନର୍ସ ଅପ୍ ଦଳକୁ ୨୦ ହଜାର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବୀର ଯବାନ ରୋମିଓ ବେନିଆଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ମାନପତ୍ର ତାଙ୍କ ପରିବାରକୁ ମଧ୍ୟ ପ୍ରଦାନ କରାଯାଇଛି। ପିପୁ ପଟ୍ଟନାୟକ ଓ ସୁରେଶ ପଟ୍ଟନାୟକ ଅମ୍ପାୟାରିଂ କରିଥିଲେ। ରଞ୍ଜିତ ମହାନ୍ତି ଖେଳ ପରିଚାଳନା କରିଥିଲେ। ସିୱାଇଏ ଲିଗ୍‌ମେଣ୍ଟ ଟିମ୍ ଆୟୋଜନ କରିଥିବା ଏହି ଟୁର୍ନାମେଣ୍ଟରେ ବାବୁନା ନାଗ, ଯୁଗଳ ଫ୍ରାଙ୍କଲିନ୍ ପାତ୍ର, ବିକାଶ ଖସଲା, ଦିନେଶ ବାଘ, ଅମ୍ରିତ ବିଟ୍ ଓ ଅନ୍ୟ କମିଟି ସଦସ୍ୟମାନେ ପରିଚାଳନା କରିଥିଲେ।

# ଆଜି ମଞ୍ଚସ୍ଥ ହେବ 'ଗାନ୍ଧୀଙ୍କ ଓଡ଼ିଶା' ନାଟକ

ରାୟଗଡା ଅଫିସ/ମୁନିଗୁଡ଼ା, ୨୨।୩(ଡି.ଏନ୍.ଏ.)

ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ୧୦୦ବର୍ଷ ପୂର୍ତ୍ତି ଉପଲକ୍ଷେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସହଯୋଗରେ ମଙ୍ଗଳବାର ଏକକାଳୀନ ଶଙ୍କର ତ୍ରିପାଠୀଙ୍କ ଦ୍ୱାରା ରଚିତ ଏକ ନାଟକ ମଞ୍ଚସ୍ଥ ହେବ। ଏହି ପରିପ୍ରେକ୍ଷୀରେ ରାୟଗଡ଼ାସ୍ଥିତ ଅଶୋକ କଲ୍ୟାଣ ମଣ୍ଡପଠାରେ ୧ ଘଣ୍ଟା ୫୦ ମିନଟର 'ଗାନ୍ଧୀଙ୍କ ଓଡିଶା' ନାଟକ ପରିବେଷଣ ହେବ। ଜେକେପୁରସ୍ଥିତ ଜୟ

### ଜେକେପୁରର କଳାକାର ପରିବେଷଣ କରିବେ ନାଟକ

ଜଗନ୍ନାଥ ନାଟ୍ୟ କଳା ପରିଷଦ ଦ୍ୱାରା ପରିବେଷଣ ହେବାକୁ ଥିବା ଏହି ନାଟକର ନିର୍ଦ୍ଦେଶକ ହେଲେ ନରେନ୍ଦ୍ର କୁମାର ମିଶ୍ର। ୪୦ ଜଣିଆ ନାଟ୍ୟ ଦଳ ଏହାକୁ ପରିବେଷଣ କରିବେ। ସେହିପରି ୨୦୦ ଲୋକ ଉପସ୍ଥିତ ରହି ଏହି ନାଟକ ଦେଖିବାକୁ ଅନୁମତି ପାଇବେ। ସମଗ୍ର ଓଡ଼ିଶାରେ ଏକକାଳୀନ ୯୩୦ କଳାକାରଙ୍କ ଦ୍ୱାରା ନାଟକ ପ୍ରଦର୍ଶନ କରାଯିବ ବୋଲି ଜଣାପଡ଼ିଛି। ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ସ୍ମୃତିକୁ ବଞ୍ଚାଇ ରଖିବାକୁ ଏହା ଏକ ପ୍ରୟାସ ବୋଲି ଜିଲାପାଳ ସରୋଜ କୁମାର ମିଶ୍ର, ନାଟକର ନିର୍ଦ୍ଦେଶକ ମିଶ୍ର, ଡିଆଇପିଆରଓ ଜିଲାପାଳଙ୍କ ଚିନ୍ତନ କକ୍ଷରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ସେହିପରି ଗାନ୍ଧିଜୀଙ୍କ ଓଡ଼ିଶା ଆଗମନର ସ୍ମୃତିରେ ମଙ୍ଗଳବାରଠାରୁ ଗାନ୍ଧୀ ରଥ ପରିକ୍ରମା କରିବ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମୁନିଗୁଡ଼ା ଶିକ୍ଷା ସନ୍ଧାନ କାର୍ଯ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଚଳର ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।



ଖବରଦାତା ସମ୍ମିଳନୀରେ ଜିଲାପାଳ, ନାଟକ ନିର୍ଦ୍ଦେଶକ ଓ ଡିଆଇପିଆରଓ ।

# ଉମରକୋଟ ବନରକ୍ଷୀ ରାଜ୍ୟସ୍ତରରେ ସମ୍ମାନିତ

ଉମରକୋଟ, ୨୨।୩(ସ୍ୱ.ପ୍ର.)

ଜଙ୍ଗଲ ସୁରକ୍ଷା ଏବଂ ବନ୍ୟ ପ୍ରାଣୀ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାମ ପାଇଁ ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସରେ ନବରଙ୍ଗପୁର ବନଖଣ୍ଡ ଅଧୀନ ଉମରକୋଟ ରେଞ୍ଜ ତୋହରା ସେକ୍ସନର ବନରକ୍ଷୀ ଗୁପ୍ତପ୍ରସାଦ ମହାନ୍ତିଙ୍କୁ ସମ୍ମାନିତ କରାଯାଇଛି। ଭୁବନେଶ୍ୱରରେ ଆୟୋଜିତ ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗୁପ୍ତପ୍ରସାଦଙ୍କୁ ପୁରସ୍କୃତ କରିଥିଲେ। ତାଙ୍କୁ ନଗଦ ୫ହଜାର ଟଙ୍କା ସହ ମାନପତ୍ର ଓ ମେଡାଲ ପ୍ରଦାନ କରାଯାଇଛି। ଏହା ଆମ ପାଇଁ ଗର୍ବର ବିଷୟ ବୋଲି ଉମରକୋଟ ବନଖଣ୍ଡ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି।



ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗୁପ୍ତ ପ୍ରସାଦ ମହାନ୍ତିଙ୍କୁ ସମ୍ମାନିତ କରୁଛନ୍ତି।

# 'ମଶାରି, ବ୍ୟବହାର କରନ୍ତୁ, ମ୍ୟାଲେରିଆରୁ ରକ୍ଷା ପାଆନ୍ତୁ'

ନବରଙ୍ଗପୁର,୨୨।୩ (ବି.ପ୍ର.)

ନବରଙ୍ଗପୁରସ୍ଥିତ ଚାମୁରିଆ ମନ୍ଦିର ପରିସରରେ ସୋମବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୌରାଞ୍ଚଳସ୍ତରୀୟ ଦୀର୍ଘ ସ୍ଥାୟୀ ଔଷଧୀୟ ମଶାରି ବଣ୍ଟନ ଶୁଭାରମ୍ଭ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମଶାରି ବ୍ୟବହାର କରିବା ଦ୍ୱାରା ମ୍ୟାଲେରିଆରୁ ମୁକ୍ତି ମିଳିପାରିବ ବୋଲି ସେ କହିଥିଲେ। ମଶାରି ବ୍ୟବହାର କରନ୍ତୁ, ମ୍ୟାଲେରିଆରୁ ରକ୍ଷା ପାଆନ୍ତୁ ବୋଲି ବିଧାୟକ କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମାଗଣାରେ ଦିଆଯାଉଥିବା କରୋନା ଟିକା ନିଅନ୍ତୁ ବୋଲି ମଧ ସେ କହିଥିଲେ। କରୋନାରୁ ରକ୍ଷା ପାଇବାକୁ ହେଲେ ସାମାଜିକ ଦୂରତା ରକ୍ଷା କରିବା ସହ ମାସ୍କ ପିନ୍ଧିବା, ହାତକୁ ସାବୁନ କିମ୍ବା ହ୍ୟାଣ୍ଡୱାସ୍‌ରେ ଧୋଇବା ଓ ସାନିଟାଇଜର ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡି ଜୋନ ସଭାପତି ତାପସ ତ୍ରିପାଠୀ, ନଗର ସଭାପତି ପ୍ରମୋଦ ରଥ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ସୁଶାନ୍ତ ପ୍ରହରାଜ, ଜିଲ୍ଲା ମ୍ୟାଲେରିଆ ଅଧିକାରୀ ନୀଳମଣି ଦିଲୀପ ଚାନ୍ଦ ବେହେରା ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଭିବିଡି କନ୍‌ସଲଣ୍ଟାଣ୍ଟ ଦିନେଶ ପ୍ରହରାଜ ପରିଚାଳନା କରିଥିଲେ। ଏଥିରେ ଅଙ୍ଗନୱାଡ଼ି କର୍ମୀ ଓ ସହରାଞ୍ଚଳ ସ୍ୱାସ୍ଥ୍ୟକର୍ମୀମାନେ ସହଯୋଗ କରିଥିଲେ।



ଜଣେ ହିତାଧିକାରୀଙ୍କୁ ଅତିଥି ମଶାରି ପ୍ରଦାନ କରୁଛନ୍ତି।

# ଡଙ୍ଗରରେ ନାହିଁ ମହୁ

ବିଜୟ ପ୍ରସାଦ ଉଲାକା
ଚନ୍ଦ୍ରପୁର,୨୨।୩(ଡି.ଏନ୍.ଏ.)

- ରାଜାଙ୍କ ପାଖକୁ ବର୍ଷକୁ ଯାଉଥିଲା ୭ଶହ କେଜି ମହୁ
- ଏବେ ଡଙ୍ଗରକୁ ଆସୁନାହାନ୍ତି ମହୁମାଛି



ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ପଞ୍ଚାୟତର ଟାପୁରୁକୁପୁଡ଼ା ଗାଁ ନିକଟରେ ରହିଛି ଏହି ମହୁ ଡଙ୍ଗର। ଏଠାରୁ ରାଜାଙ୍କ ପାଇଁ ଯାଉଥିଲା ମହୁ। କିଲେ କି ଦୁଇକିଲୋ ନୁହେଁ, ବର୍ଷକୁ ପ୍ରାୟ ୭୦୦ କେଜି ପଠାଯାଉଥିଲା। ଜୟପୁର ରାଜାଙ୍କ ଅମଳର କଥା କହୁଥିବା ଏହି ପାହାଡ଼ ତଥା ଡଙ୍ଗର ଏବେ ଶ୍ରୀହୀନ ହୋଇପଡ଼ିଛି। ଏବେ ରାଜା ନାହାନ୍ତି କି ଡଙ୍ଗରରେ ଆଉ ମହୁ ନାହିଁ। କେବଳ ମୂକସାକ୍ଷୀଭାବେ ଠିଆହୋଇଛି ଏହି ପାହାଡ଼।

ଚନ୍ଦ୍ରପୁର ବ୍ଲକ୍ ଜୟପୁର ରାଜା ବିକ୍ରମାଦିତ୍ୟଙ୍କ ଅଧୀନରେ ଥିବାବେଳେ ପ୍ରାୟ ୭ଶହ ଫୁଟ ଉଚ୍ଚତା ବିଶିଷ୍ଟ ଏହି ପାହାଡ଼ର ସ୍ୱତନ୍ତ୍ର ଖ୍ୟାତି ରହିଥିଲା। ଏହି ପାହାଡ଼ରୁ ମହୁ ସଂଗ୍ରହ କରାଯାଇ ରାଜାଙ୍କ ନିକଟକୁ ପଠାଯାଉଥିଲା। ଫଳରେ ଏହି ପାହାଡ଼ 'ମହୁ ପାହାଡ଼' ରୂପେ ପରିଚିତ। ଟାପୁରୁକୁପୁଡ଼ା ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତି ବନମାଳୀ ମାଣ୍ଡାଙ୍ଗୀଙ୍କ କହିବାନୁଯାୟୀ, ଏହି ଡଙ୍ଗରରେ ସେତେବେଳେ ପ୍ରାୟ ୨ହଜାରରୁ ଉର୍ଦ୍ଧ୍ୱ ମହୁଫେଣା ରହିଥିଲା। ବିଭିନ୍ନ କିସମର ସୁସ୍ୱାଦୁ ଫଳ ଓ ଫୁଲ ଏଠାରେ ଭରି ରହିଥିବାରୁ ମହୁମାଛି ଏହି ସ୍ଥାନକୁ ଆପଣାଇ ନେଇଥିଲେ। ମହୁ ସଂଗ୍ରହକରି ଫେଣାରେ ସଂରକ୍ଷିତ ରଖୁଥିଲେ। ଫେବୃୟାରୀ–ମାର୍ଚ୍ଚରେ ହଜାର ହଜାର ସଂଖ୍ୟାରେ ମହୁମାଛି ଆସି ଡଙ୍ଗରରେ ବସା ବାନ୍ଧି ବଂଶବିସ୍ତାର କରୁଥିଲେ। ସେହିପରି ବର୍ଷା ଆଗମନରେ ମହୁଫେଣାର ଛାପ ଛାଡ଼ି ଚାଲିଯାଉଥିଲେ ବୋଲି ବନମାଳୀ କୁହନ୍ତି। ବ୍ଲକର ମଧ୍ୟବର୍ତ୍ତୀ ସ୍ଥାନରେ ରହିଥିବା ହନୁମନ୍ତପୁର ପଞ୍ଚାୟତର ରାଇବିଜିପଦର ସେତେବେଳେ ଏକ ମୁଖ୍ୟ କେନ୍ଦ୍ର ହୋଇଥିଲା। ଏଠାରୁ ଚନ୍ଦ୍ରପୁର ୧୫ କି.ମି. ଏବଂ ଜିଲ୍ଲା ସଦର ରାୟଗଡ଼ାକୁ ୧୦୫ କି.ମି. ଦୂର। ରାଜା ଆସିଲେ ରାଇବିଜିଠାରେ ରାତ୍ରିଯାପନ କରୁଥିଲେ। ଏଥିପାଇଁ ଏଠାରେ ଏକ ବଙ୍ଗଳା ମଧ ନିର୍ମାଣ କରାଯାଇଥିଲା। ଏବେ ସେହି ବଙ୍ଗଳା ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ସେତେବେଳେ ରାଇବିଜିର ମୁଖ୍ୟ ପାତ୍ର ଭାବେ ରାଜାଙ୍କ ଦ୍ୱାରା ନିଯୁକ୍ତ ହନୁମନ୍ତପୁରର ବିନସିଂ ପାତ୍ର, ମର୍ଦ୍ଦରାଜ ପାତ୍ର, ହାତୀ ପାତ୍ର ପ୍ରତ୍ୟେକ ବର୍ଷ ରାଜାଙ୍କ ଗସ୍ତ ସମୟରେ ୨୦ମାଣ (୭ଶହ କେଜିରୁ ଉର୍ଦ୍ଧ୍ୱ)ମହୁ ସଂଗ୍ରହକରି ରାଜାଙ୍କୁ ଭେଟି ଦେଉଥିଲେ ବୋଲି ବିନସିଂ ପାତ୍ରଙ୍କ ନାତି କରୁଣାକର ପାତ୍ର କହିଛନ୍ତି।

ଅନ୍ୟପକ୍ଷରେ ଆଗ ଭଳି ଡଙ୍ଗରରେ ଫୁଲ, ଫଳ ଗଛ ନ ଥିବା ଏବଂ ଜଙ୍ଗଲ କ୍ଷୟ ଯୋଗୁ ଏହି ମହୁ ଡଙ୍ଗରକୁ ଆଉ ମହୁମାଛି ଆସୁନାହାନ୍ତି। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ମହୁମାଛିଙ୍କ ଉପଯୋଗୀ ଗଛ ଲଗାଇଲେ ପୁଣି ସେମାନଙ୍କ ଆଗମନ ହେବ ଏବଂ ଏଠାରୁ ମହୁ ସଂଗ୍ରହ କରାଯାଇପାରିବ ବୋଲି ଅଞ୍ଚଳର ବୟସ୍କ ବ୍ୟକ୍ତି ଏବଂ ବୁଦ୍ଧିଜୀବୀମାନେ ପ୍ରକାଶ କରିଛନ୍ତି। ପାତ୍ର ବଂଶଧର କରୁଣାକର ପାତ୍ରଙ୍କ ସମେତ କେତେଜଣ ବୟସ୍କ ବ୍ୟକ୍ତିଙ୍କ ସୂଚନା ଅନୁଯାୟୀ, ଏହି ଡଙ୍ଗର ଶୀର୍ଷରେ ଏବେବି କେତୋଟି ମହୁଫେଣା ରହିଛି। ହେଲେ ସେଠାକୁ ଯିବା କଷ୍ଟକର। ବନ ବିଭାଗ କିମ୍ବା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ ବୋଲି ଅଞ୍ଚଳବାସୀ କହିଛନ୍ତି। ଏ ନେଇ ରାୟଗଡ଼ା ଡିଏଫ୍‌ଓ ଅଶ୍ୱିନୀ କୁମାର କରଙ୍କୁ ପଚାରିବାରୁ ସେ କହିଲେ, ବନ ବିଭାଗ ପକ୍ଷରୁ ସେଠାକୁ ଯାଇ ମହୁ ସଂଗ୍ରହ ନେଇ ସେମିତି କିଛି ସୁବିଧା ନାହିଁ। କୃଷି ବିଭାଗର ଆତ୍ମା ଯୋଜନାରେ ତଥା ବନ ସୁରକ୍ଷା ସମିତି ସହଯୋଗରେ ଲୋକେ ମହୁଚାଷ ନିମନ୍ତେ ତାଲିମ ନେଇ ମହୁଚାଷ କରିପାରିବେ। ଅନ୍ୟପକ୍ଷରେ ଚନ୍ଦ୍ରପୁର ଆତ୍ମା ଯୋଜନାର ବିଟିଟି କନ୍‌ଭେନର ରାମଲାଲ୍ ସାମାଡ଼ଙ୍କୁ ପଚାରିବାରୁ ସେ କହିଛନ୍ତି, ଚାଷୀ ଚାହିଁଲେ ମହୁଚାଷ ପାଇଁ ଆମେ ସବୁପ୍ରକାର ବନ୍ଦୋବସ୍ତ କରିପାରିବୁ।

## ଏନ୍‌ଏସ୍‌ଏସ୍ ଅଧିକାରୀ ସମ୍ମାନିତ

କୁନ୍ଦୁରା,(ଡି.ଏନ.ଏ.)-କୋରାପୁଟ ଜିଲା କୁନ୍ଦୁରାସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ସୁଶାନ୍ତ ବେହେରାଙ୍କୁ ଜାତୀୟ ସେବା ଯୋଜନା(ଏନ୍‌ଏସ୍‌ଏସ୍)ରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭୁବନେଶ୍ୱରସ୍ଥିତ ଏକ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ସମ୍ମାନିତ କରିଛନ୍ତି। ବିଭାଗୀୟ ଶାସନ ସଚିବ ଶାଶ୍ୱତ ମିଶ୍ର ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ରୂପେ ଏନ୍‌ଏସ୍‌ଏସ୍‌ର ଆଞ୍ଚଳିକ ନିର୍ଦ୍ଦେଶକ ସରିତା ପଟେଲ, ଉପଶାସନ ସଚିବ ସୁରେଖା ସୁନ୍ଦରୀ ସ୍ୱାଇଁ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ ଜାନୁୟାରୀରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନାର ଏକ କାର୍ଯ୍ୟକ୍ରମରେ ଅଧ୍ୟାପକ ବେହେରାଙ୍କୁ ସମ୍ମାନିତ କରାଯାଇଥିଲା। ତାଙ୍କର ଏହି ସଫଳତାରେ ମହାବିଦ୍ୟାଳୟ ଅଧକ୍ଷ ହୃଦୟ ରଞ୍ଜନ ପଣ୍ଡା, ଶ୍ୱେତବସନ୍ତ ରଥ, ଉପେନ୍ଦ୍ର ନାରାୟଣ ଜେନା, ଅନିଲ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଆରମ୍ଭ ହେଲା ପ୍ରସିଦ୍ଧ ବଡ଼ଯାତ୍ରା

**ମାଲକାନଗିରି/କାଳିମେଳା/ଏମ୍‌ଭି-୭୯,୨୨।୩(ଡି.ଏନ୍.ଏ.)**


ତିନିଠାକୁରଙ୍କୁ ନଦୀପାର କରି ନିଆଯାଉଛି।

- ଜନଗହଳି, ମିନାବଜାର, ପଶୁପକ୍ଷୀ ବଳି ନିଷେଧ
- ୨୭ରୁ ମାଲକାନଗିରିରେ ହେବ ଯାତ୍ରା
- ବଡ଼ଯାତ୍ରାର ରହିଛି ଐତିହାସିକ ବିଶେଷତ୍ୱ

ପ୍ରତି ଦୁଇବର୍ଷକୁ ଥରେ ପାଳନ ହେଉଥିବା ମାଲକାନଗିରି ଜିଲାର ପ୍ରସିଦ୍ଧ ବଡ଼ଯାତ୍ରା ସୋମବାରଠାରୁ ଆନନ୍ଦ ଉଲ୍ଲାସ ମଧ୍ୟରେ ଆରମ୍ଭ ହୋଇଛି । ସକାଳେ ତିନିଠାକୁର କାନାମରାଜୁ, ବାଲ୍‌ରାଜୁ, ପୋତରାଜୁ ଓ ଦେବୀ ମୁତ୍ୟାଲୁଆମ୍ମାଙ୍କୁ ମାନ୍ୟମକୋଣ୍ଡାଠାରେ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ବିମାନ ଯୋଗେ ଆନ୍ଧ୍ରର ପୋଲୁର ଗ୍ରାମ ଅଭିମୁଖେ ବାହାରିଥିଲେ। ମାନ୍ୟମକୋଣ୍ଡାରେ ରହୁଥିବା ତିନିଠାକୁରଙ୍କୁ ଏକ ସୁସଜ୍ଜିତ ବିମାନରେ ଆନ୍ଧ୍ରର ତାଡକାରେଉ ଅଭିମୁଖେ ନିଆଯାଇଥିଲା । ପରେ ପୋଲୁରସ୍ଥିତ ସିଲେରୁ ନଦୀରେ ୩ ଠାକୁରଙ୍କୁ ପାର କରାଯିବା ପରେ ଆନ୍ଧ୍ରର ପୋଲୁର ନିଆଯାଇଥିଲା। ପରେ ବିଶାଳ ଶୋଭାଯାତ୍ରାରେ ଆନ୍ଧ୍ରର ତାଡ଼କାରେଉଠାରେ ପହଞ୍ଚି ତାଡ଼କା ରାକ୍ଷସୀକୁ ମାରିଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଠାକୁର ଝରଣା କୁଳରେ ଥିବା ପବିତ୍ର କୁଣ୍ଡରେ ସ୍ନାନ କରିଥିଲେ। ଏହି ଦୃଶ୍ୟକୁ ଦେଖିବା ପାଇଁ ଆନ୍ଧ୍ର, ଓଡ଼ିଶା ଓ ଛତିଶଗଡ଼ ରାଜ୍ୟର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପରେ ତିନିଠାକୁର ପୁଣି ଓଡ଼ିଶାର ପୋଲେରୁ ଗ୍ରାମରେ ପୂଜା ପାଇ ସନ୍ଧ୍ୟାରେ ମାନ୍ୟମକୋଣ୍ଡା ବାହାରିଥିଲେ । ମଙ୍ଗଳବାର ସକାଳେ ଠାକୁରଙ୍କୁ ପ୍ରଥମ ଅନ୍ନଭୋଗ ପ୍ରଦାନ କରାଯିବ। ଦିନତମାମ ଶ୍ରଦ୍ଧାଳୁ ତିନିଠାକୁରଙ୍କୁ ଦର୍ଶନକରି ଭୋଗ ଲାଗି କରିବେ। ବୁଧବାର ତିନିଠାକୁର ମାନ୍ୟମକୋଣ୍ଡାଠାରୁ ବାହାରି କାଳିମେଳାରେ ପହଞ୍ଚି ରାତ୍ରିଯାପନ କରିବେ। ଗୁରୁବାର ସକାଳୁ ସେଠାରୁ ବାହାରି କାଙ୍ଗୁରୁକୋଣ୍ଡାରେ ପହଞ୍ଚି ସେଠାରେ ରହିବେ। ପରେ ପୋଟେରୁ ,ଶିଖପାଲି ତମସା ହୋଇ ୨୭ରେ ମାଲକାନଗିରି ପହଞ୍ଚିବେ। ମାଲକାନଗିରରେ ୪ ଦିନ ଧରି ଯାତ୍ରା ପାଳନ ପରେ ୩୧ ତିନିଠାକୁର ମାନ୍ୟମକୋଣ୍ଡା ପ୍ରତ୍ୟାବର୍ତ୍ତନ କରିବେ। ବଡ଼ଯାତ୍ରାକୁ କୋଭିଡ୍-୧୯ ନିୟମ ଅନୁଯାୟୀ ପାଳନ କରିବାକୁ ପ୍ରଶାସନ ଗୁରୁତ୍ୱ ଦେଇଛି। ଜନଗହଳି , ମିନାବଜାର, ପଶୁପକ୍ଷୀ ବଳିକୁ ନିଷେଧ କରାଯାଇଛି। ଏହା ସତ୍ତ୍ୱେ କେତେକ ଶ୍ରଦ୍ଧାଳୁ ବୋଦା, ଛେଳି ଓ କୁକୁଡ଼ା ବଳି ଦେଇଥିଲେ। ଶ୍ରଦ୍ଧାଳୁମାନେ ବ୍ୟାରିକେଡ୍‌ରେ ଯାଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଏକ ସ୍ୱତନ୍ତ୍ର କାଠଡଙ୍ଗାରେ ତିନିଠାକୁର ଏବଂ ଦେବୀ ମୁତ୍ୟାଲାମ୍ମାଙ୍କୁ ନଦୀ ପାରକରାଯାଇଥିଲା। ଅନ୍ୟ ଏକ ଡଙ୍ଗାରେ ପୂଜକ ଓ ସେବାୟତମାନେ ନଦୀ ପାରହୋଇଥିଲେ। ଶ୍ରଦ୍ଧାଳୁଙ୍କ ପାଇଁ ୪ଟି ଡଙ୍ଗା ବ୍ୟବସ୍ଥା ହୋଇଥିଲା। ଜିଲାପାଳ ୱାଇ. ବିଜୟ, ଏସ୍‌ପି ରିଷିକେଶ ଡି. ଖିଲାରି, ଏସ୍‌ଡିପିଓ ଅଂଶୁମାନ ଦ୍ୱିବେଦୀ, ମୋଟୁ ତହସିଲଦାର ଶଶାଙ୍କ ମିଶ୍ର, କାଳିମେଳା ତହସିଲଦାର ଆଲୋକ କୁମାର ଅନୁଗୁଳିଆ, ମାଲକାନଗିରି ତହସିଲଦାର ଗୁଣନିଧି ନାୟକ, ବିଡିଓ ଉମାଶଙ୍କର ଦଳେଇ, ଏସଡିସି ଅଧ୍ୟକ୍ଷ ମାନସ ମାଡକାମି, ବାଳମୁକୁନ୍ଦ ଭୂୟାଁ ,ବିଡିଓ ଉମାଶଙ୍କର ଦଳାଇ,ବ୍ଲକ ଅଧ୍ୟକ୍ଷ ମାଳା ମାଢି ପ୍ରମୁଖ ଉପସ୍ଥିତ ରହି ସମସ୍ତ ପ୍ରସ୍ତୁତି ତଦାରଖ କରିଥିଲେ । ମଙ୍ଗଳବାର ମାନ୍ୟମକୋଣ୍ଡାରେ ଯାତ୍ରା ହେବ।

ପ୍ରତି ୨ ବର୍ଷରେ ଥରେ ପାଳନ ହେଉଥିବା ପୁରାଣ ପ୍ରସିଦ୍ଧ ଏହି ବଡ଼ଯାତ୍ରାର ରହିଛି ଐତିହାସିକ ବିଶେଷତ୍ୱ। ଭାଗବତ ପୁରାଣ ଅନୁଯାୟୀ ମଗଧର ରାଜା ଜରାସନ୍ଧ ଏକ ଲକ୍ଷ ରାଜାଙ୍କୁ ବନ୍ଦୀକରି କାତ୍ୟାୟନୀଙ୍କଠାରେ ବଳିଦେବାକୁ ସ୍ଥିର କରିଥିଲେ। ଏନେଇ ସେ ୯୬ ହଜାର ରାଜାଙ୍କୁ ବନ୍ଦୀ କରି ଆଉ ୪୦୦୦ ରାଜାଙ୍କୁ ବନ୍ଦୀ କରିବାକୁ ଯୋଜନା କରୁଥିବା ବେଳେ ଏ ସମ୍ପର୍କରେ ଶ୍ରୀକୃଷ୍ଣ ଜାଣିପାରି ଅର୍ଜୁନ ଓ ଭୀମଙ୍କ ସହାୟତାରେ ଜରାସନ୍ଧଙ୍କୁ ବଧ କରିଥିଲେ । ଫଳରେ ସମସ୍ତ ବନ୍ଦୀ ରାଜା ମୁକ୍ତି ପାଇଥିଲେ । ଅନ୍ୟପକ୍ଷରେ ବଳି ପାଇଁ ଅପେକ୍ଷା କରିଥିବା ଦେବୀ କାତ୍ୟାୟନୀ କ୍ଷୁବ୍ଧ ହୋଇଥିଲେ । ତାଙ୍କର କୋପ ଶାନ୍ତ କରିବା ପାଇଁ ଏହି ତିନି ଠାକୁର କାନାମରାଜୁ, ବାଲ୍‌ରାଜୁ, ପୋତରାଜୁ ନିଜର ବିଜୟ ଯାତ୍ରାରେ ଦେବୀଙ୍କୁ ସାମିଲ କରିଥିଲେ। ତାଙ୍କୁ ନିର୍ଦ୍ଧାରିତ ବଳି ଦେବା ପାଇଁ ଶ୍ରୀକୃଷ୍ଣ ପ୍ରତିଶ୍ରୁତିବଦ୍ଧ ହୋଇ ମାନ୍ୟମକୋଣ୍ଡାଠାରୁ ମାଲକାନଗିରି ମଧ୍ୟରେ ଏକ ଲକ୍ଷ ପଶୁ ଓ ପକ୍ଷୀ ବଳି ଦେଇଥିଲେ । ଦେବୀ ତାହାକୁ ଗ୍ରହଣକରି ସନ୍ତୁଷ୍ଟ ହୋଇ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ଏହାକୁ ମନେରଖିବା ପାଇଁ ପ୍ରତି ୨ ବର୍ଷରେ ବଡ଼ଯାତ୍ରା ପାଳନ ହେଉଛି।

## ସଂକ୍ଷେପରେ

### ଗଞ୍ଜେଇ ଜବତ,୩ ଗିରଫ



ଜୟପୁର,୨୨।୩ (ନି.ପ୍ର.)-ଜୟପୁର ସଦର ପୋଲିସ ଗଞ୍ଜେଇ ଚୋରା ଚାଲାଣ ବେଳେ ଚଢ଼ାଉକରି ୧୨୩ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ କଳାହାଣ୍ଡି ଜିଲାର ହିମାଂଶୁ ପାତ୍ର, ଅମିତ କୁମାର ବେହେରା ଏବଂ ଦେବେନ୍ଦ୍ର ପାତ୍ର। ଲମତାପୁଟରୁ ଧର୍ମଗଡ଼କୁ ଏହି ଗଞ୍ଜେଇ ଚାଲାଣ ହେଉଥିଲା। ଜୟପୁର ସଦର ଅଞ୍ଚଳରେ ଯାଞ୍ଚ ସମୟରେ ଚୋରାଚାଲାଣକାରୀମାନେ ଧରାପଡିଥିଲେ। ଜବତ ଗଞ୍ଜେଇର ବଜାର ମୂଲ୍ୟ ୧୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ସଦର ଥାନା ଅଧିକାରୀ ଆଦିତ୍ୟ ମହାଙ୍କୁଡ଼ କହିଛନ୍ତି। ଶଙ୍କର କୁମାର ପଣ୍ଡା ମାମଲାର ତଦନ୍ତ କରୁଛନ୍ତି।

### ଆମ୍ବୁଲାନ୍ସକୁ ଧକ୍କାଦେଲା ହାଇୱା: ୩ ଗୁରୁତର

ଲକ୍ଷ୍ମୀପୁର,୨୨।୩(ଡି.ଏନ୍.ଏ.)-ଲକ୍ଷ୍ମୀପୁର ବ୍ଲକ କାକିରିଗୁମା ଥାନାଠାରୁ ୨ କି.ମି. ଦୂର ୩୨୬ ନଂ. ଜାତୀୟ ରାଜପଥରେ ରବିବାର ବିଳମ୍ବିତ ରାତିରେ କୁଡିପଦର ଛକ ନିକଟରେ ଏକ ଆମ୍ବୁଲାନ୍ସକୁ ଏଆର୍‌ଏସ୍‌ଏସ୍ କମ୍ପାନୀର ଏକ ହାଇୱା ଧକ୍କା ଦେଇଛି। ଦୁର୍ଘଟଣା ଘଟାଇ ହାଇୱା ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଆମ୍ବୁଲାନ୍ସ ଡ୍ରାଇଭର ଏବଂ ଦୁଇଜଣ କର୍ମଚାରୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାରକରି କୋରାପୁଟରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇଥିବା ଗାଡିକୁ କାକିରିଗମ୍ମା ପୋଲିସ ଜବତ କରିଛି। ୨୮/୨୧ରେ ଏକ ମାମଲା ରୁଜୁକରି ପୋଲିସ ଘଟଣାର ତଦନ୍ତ କରୁଛି। ଏହି ଆମ୍ବୁଲାନ୍ସଟି କରୋନା ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ ହୋଇଛି। ସଚେତନତା କାର୍ଯ୍ୟକ୍ରମ ସାରି ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି।

### ଦେବ ପଣ୍ଡା କପ୍ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ

ଜୟପୁର,୨୨।୩(ନି.ପ୍ର)-ଜୟପୁର ସୂର୍ଯ୍ୟମହଲ ଇନ୍‌ଡୋରଠାରେ ଦେବ ପଣ୍ଡା କପ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦେବଦତ୍ତ ଦାସ ଓ ସୁବ୍ରତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୧୦ଟି ଟିମ୍ ଭାଗ ନେଇଥିଲେ। ୨୧ ପଏଣ୍ଟ ବିଶିଷ୍ଟ ୨୦ଟି ମ୍ୟାଚରେ ସମସ୍ତ ଖେଳାଳି ନିଜ ଦକ୍ଷତା ପ୍ରଦର୍ଶନ କରିଥିଲେ। ଫାଇନାଲରେ ଇରଫାନ ଓ ସଜେଶ ବିଜେତା ହୋଇଥିବା ବେଳେ ଜି.ପ୍ରସାଦ ଓ ଛଟୁ ରନର୍ସ ହୋଇଥିଲେ। ଗୌରୀ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

### ମାଳିଗୁଡା ଜଙ୍ଗଲରୁ ୩ ଶିକାରୀ ଗିରଫ



ବୈପାରିଗୁଡା,୨୨।୩ (ଡି.ଏନ୍.ଏ.)-ରବିବାର ରାତିରେ ବୈପାରିଗୁଡା ବନାଞ୍ଚଳ କରକଟି-ମାଳିଗୁଡା ଜଙ୍ଗଲରେ ବନ ବିଭାଗ ଚଢାଉ କରି ୩ଜଣ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ କେନ୍ଦୁଗୁଡା ପଞ୍ଚାୟତ ବଡାଗୁଡା ଗ୍ରାମର ଗୁପ୍ତ ନାୟକ ,ଗାଡପୁଟ ଗ୍ରାମର ବିଭିଷଣ ପୂଜାରୀ ଏବଂ କରକଟି ଗ୍ରାମର ନିଳାମ୍ବର ଗୌଡ। ସେମାନଙ୍କଠାରୁ ବନ୍ଧୁକ ୨୦ ଗ୍ରାମ ବାରୁଦ ଏବଂ ୨ଟି ବାଇକ୍ ଜବତ ହୋଇଛି। ଅନ୍ୟ ୪ଜଣ ଫେରାର ହୋଇଯାଇଛନ୍ତି। ରବିବାର ରାତିରେ ୨ଟି ବାଇକ୍‌ରେ ୭ ଜଣ ଶିକାରୀ ଜଙ୍ଗଲରେ ପ୍ରବେଶ କରିଥିବା ଜାଣି ସ୍ଥାନୀୟ ଲୋକେ ବନ ବିଭାଗ କର୍ମଚାରୀଙ୍କୁ ସୂଚନା ଦେଇଥିଲେ। ପୋଲିସ ସହାୟତାରେ କର୍ମଚାରୀମାନେ ଜଙ୍ଗଲରେ ପହଞ୍ଚି ୩ ଜଣଙ୍କୁ ଗିରଫ କରିଥିଲେ। ଜୟପର ଏସିଏଫ୍ ସୁବାଷ ଚନ୍ଦ୍ର ଖଣ୍ଟିଆ ଘଟଣାର ତଦନ୍ତ କରିଛନ୍ତି।

### ଜଳ ଦିବସରେ ଜଳଛତ୍ର

ଗୁଣପୁର,୨୨।୩(ଡି.ଏନ୍.ଏ.)-ବିଶ୍ୱ ଜଳ ଦିବସ ଉପଲକ୍ଷେ ସୋମବାର ରାୟଗଡ଼ା ଜିଲା ଗୁଣପୁର ଗୋଷ୍ଠୀ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ବାଇବାସ ରାସ୍ତା ଛକରେ ଜଳଛତ୍ର ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ର ଲୋକଙ୍କୁ ପାନୀୟ ଜଳ ଯୋଗାଇଥିଲେ। ପ୍ରବଳ ଖରାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟ ଆଗକୁ ମଧ ଜାରି ରହିବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି।

## ହୋଲି ଉପରେ ଲାଗିଲା କଟକଣା

**ମାଲକାନଗିରି,୨୨।୩(ଡି.ଏନ୍.ଏ.)**

**ବାହାରେ ହୋଲି ଖେଳିବା ମନା**

ବର୍ତ୍ତମାନ କୋଭିଡ୍ ପୁନର୍ବାର ରାଜ୍ୟକୁ ଫେରୁଛି। ଏନେଇ ନିୟମ ମାନି ଚଳିବା ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଉଛି। ପ୍ରଶାସନ ସ୍ଥିତିକୁ ଦେଖି ବିଭିନ୍ନ ପଦକ୍ଷେପ ନେଉଛି। ଏହି ଅନୁସାରେ ମାଲକାନଗିରିରେ ମଙ୍ଗଳବାରଠାରୁ ରାତ୍ରିକାଳୀନ କର୍ଫ୍ୟୁ ଲାଗୁହେବ। ସରକାରଙ୍କ ନିର୍ଦ୍ଦେଶରେ ଏହି ପଦକ୍ଷେପ ନିଆଯାଇଥିବା ଜିଲାପାଳ ୱାଇ. ବିଜୟ କହିଛନ୍ତି। ଆସନ୍ତା ୨୩ ରୁ ୩୧ ତାରିଖ ପର୍ଯ୍ୟନ୍ତ ଏହି ରାତ୍ରିକାଳୀନ କର୍ଫ୍ୟୁ ବଳବତ୍ତର ରହିବ। କୌଣସି ସ୍ଥାନରେ ସଭା, ସମିତି, ନାଟକ, ଅପେରା, ଚଳଚ୍ଚିତ୍ର ଭଳି କାର୍ଯ୍ୟକ୍ରମ କଲେ ୨୦୦ ଜଣଙ୍କ ଭିତରେ ସୀମିତ ରଖିବାକୁ କୁହାଯାଇଛି। ସେହିପରି ଆସନ୍ତା ୨୮ ଓ ୨୯ରେ ହେବାକୁ ଥିବା ଦୋଳ ପୂର୍ଣ୍ଣିମା ଓ ହୋଲି ଉତ୍ସବରେ ମଧ କଟକଣା ଲାଗିଛି। ବାହାରେ କୌଣସି ଜନସାଧାରଣ ହୋଲି ଖେଳିବାକୁ ବାରଣ କରାଯାଇଛି। ମାଲକାନଗିରି ଜିଲାରେ ଆରମ୍ଭ ହୋଇଥିବା ବଡ଼ଯାତ୍ରାରେ ଯେପରି ୨୦୦ ରୁ ଅଧିକ ଜନସମାଗମ ନ ହୁଏ ସେଥିପ୍ରତି ଦୃଷ୍ଟିଦେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ମାସ୍କ ପରିଧାନ କରିବା, ଅତି କମ୍‌ରେ ୬ ଫୁଟ୍ ସାମାଜିକ ଦୂରତା ରକ୍ଷା କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ବଡ଼ଯାତ୍ରାରେ ପ୍ରବେଶ ପଥ ଓ ବାହାରକୁ ଯିବା ପଥରେ ସମସ୍ତେ କୋଭିଡ୍ ନିୟମ ଅନୁଯାୟୀ ଯାତାୟାତ କରୁଛନ୍ତି କି ନାହିଁ ଦୃଷ୍ଟି ରଖିବା ଏବଂ କେହି ନିୟମ ଉଲ୍ଲଂଘନ କଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏସ୍‌ପିଙ୍କୁ କୁହାଯାଇଛି।

## ଓଡ଼ିଶା ଦିବସ ପାଳିବାକୁ ପ୍ରସ୍ତୁତି


ବୈଠକରେ ଉପସ୍ଥିତ ଅଧିକାରୀମାନେ।

**ମାଲକାନଗିରି,୨୨।୩(ଡି.ଏନ୍.ଏ.)**

ଏପ୍ରିଲ ପହିଲାରେ ଓଡ଼ିଶା ଦିବସ ପାଳନ ନେଇ ସୋମବାର ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହିଦିନ ସକାଳ ୫ଟାରେ ଉତ୍କଳ ବନ୍ଦନା, ସକାଳ ୮ଟାରେ ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ମହାତ୍ମାଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଓ ସର୍କିଟ ହାଉସ ଭିତରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ୨୫ ତାରିଖରେ ନବୋଦୟ ବିଦ୍ୟାଳୟରେ ହାଇସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ପାଇଁ ବକ୍ତୃତା, ଚିତ୍ରାଙ୍କନ ଓ ସଙ୍ଗୀତ ପ୍ରତିଯୋଗିତା କରାଯିବ। ଉତ୍କଳ ଦିବସର ମୁଖ୍ୟ କାର୍ଯ୍ୟକ୍ରମ ସଂସ୍କୃତି ଭବନଠାରେ ସନ୍ଧ୍ୟା ୫ଟାରେ ହେବ। ଏଥିରେ ସହରର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ନିଷ୍ପତ୍ତି ହୋଇଛି। ଏହି ବୈଠକରେ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ନିଗ୍ଧାରାଣୀ ଚୌଧୁରୀ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଅଧ୍ୟକ୍ଷମାନେ ଯୋଗ ଦେଇଥିଲେ।

## ନାଁ ଥାଇ ହିତାଧିକାରୀଙ୍କୁ ମିଳୁନି ଘର

**କୋରୁକୋଣ୍ଡା, ୨୨।୩(ଡି.ଏନ.ଏ.)**


କେଶରୀଙ୍କ ବିପଦସଙ୍କୁଳ ଘର।

**ପ୍ରଧାନମନ୍ତ୍ରୀ ଆବାସ ଯୋଜନା**

ଗରିବ ଭୂମିହୀନଙ୍କ ପାଇଁ କାର୍ଯ୍ୟକାରୀ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା। ମାତ୍ର ହିତାଧିକାରୀମାନେ ଏଥିରୁ ସୁଫଳ ପାଉନାହାନ୍ତି। ମାଲାକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆବାସ ପାଇବା ନେଇ ଜଣେ ହିତାଧିକାରୀଙ୍କ ନାମ ତାଲିକାରେ ଥିଲେ ମଧ ତାଙ୍କୁ ଆବାସ ମିଳୁନାହିଁ। ନିଳାଦ୍ରୀନଗର ଇରିଗେସନ କଲୋନୀରେ ରହୁଥିବା କେଶରୀ ନାୟକଙ୍କ ବାସଗୃହଟିଏ ନ ଥିବାରୁ ପିଲାଙ୍କୁ ଧରି କଷ୍ଟରେ ଚଳୁଛନ୍ତି। ସ୍ୱାମୀ ଉତ୍ସବ ନାୟକଙ୍କ ମୃତ୍ୟୁ ବହୁ କଷ୍ଟରେ ଚଳୁଛନ୍ତି । ସେ ରହୁଥିବା ଘରର ଛାତରେ ସରକାରୀ ଜରିପାଲ ପଡିଛି। କାନ୍ଥ ଭୁଶୁଡି ଆଁ କରିଛି। ଖରା ବର୍ଷା ଶୀତ ସବୁ ସମୟ ରେ ପିଲାଙ୍କୁ ନେଇ ଚଳୁଛନ୍ତି କେଶରୀ। କେବେ କିଛି ଅସୁବିଧା ହେଲେ ଅନ୍ୟ ଲୋକଙ୍କ ପିଣ୍ଡାରେ ଦିନ କାଟୁଛନ୍ତି। ଘରଟିଏ ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡି ନିରାଶ ହୋଇଛନ୍ତି ସେ। ତାଲିକାରେ ତମ ନାଁ ଅଛି ତମେ ଘର ପାଇବ ବୋଲି ତାଙ୍କୁ କୁହାଯାଇଛି। ଯଦି ତାଲିକାରେ ନାଁ ଅଛି ତେବେ ତାଙ୍କ ପରିବାରକୁ ପ୍ରଶାସନ ଆବାସ ଦେବାରେ କାହିଁକି ଅବହେଳା କରୁଛି ବୋଲି କେଶରୀଙ୍କ ଝିଅ ପ୍ରମିଳା ପ୍ରଶ୍ନ ଉଠାଇଛନ୍ତି।ଏହି ଭୂମିହୀନ ପରିବାରକୁ ପ୍ରଶାସନ ତୁରନ୍ତ ଗୃହ ଯୋଗାଇ ଦେବାକୁ ଦାବି ହେଉଛି।

## ଚିତ୍ରକୋଣ୍ଡାରେ ନାମକୁ ମାତ୍ର ଚାଲିଛି ବିଇଓ କାର୍ଯ୍ୟାଳୟ

**ଚିତ୍ରକୋଣ୍ଡା,୨୨।୩(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ବ୍ଲକ କାର୍ଯ୍ୟାଳୟରେ ୪ବର୍ଷ ହେଲା ଚାଲିଛି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟ ପାଇଁ ଗୃହ ନିର୍ମାଣ ଦୁଇ ବର୍ଷ ହେଲା ଶେଷ ହୋଇଥିଲେ ମଧ ସେଠାରେ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ। ଜଣେ ମାତ୍ର କିରାଣିଙ୍କୁ ନେଇ ନାମକୁମାତ୍ର ଚାଲିଛି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ। ଏହି କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ କୁଡୁମୁଲୁଗୁମ୍ମାରେ ସମ୍ପାଦନ ହେଉଛି। କୁଡୁମୁଲୁଗୁମ୍ମା ଛାଡ଼ି ଚିତ୍ରକୋଣ୍ଡା ଆସିବାକୁ ଅଧିକାରୀଙ୍କ ଇଚ୍ଛା ହେଉନାହିଁ। ଏନେଇ ପୂର୍ବରୁ ଖବର ପ୍ରକାଶ ପାଇବା ପରେ କିଛି ଦିନ ତତ୍ପରତା ଦେଖାଦେଇଥିଲା। ମାତ୍ର ତା'ପରେ ପୁଣି ପୂର୍ବ ଅବସ୍ଥା ଫେରିଆସିଛି। ଶିକ୍ଷକମାନେ ବିଭିନ୍ନ କାର୍ଯ୍ୟରେ କୁଡୁମୁଲୁଗୁମ୍ମା ଯାଉଛନ୍ତି। ଫଳରେ ଅଧିକ ସମୟ ସହ ଅର୍ଥ ଅପଚୟ ହେଉଛି। ଚିତ୍ରକୋଣ୍ଡା ବ୍ଲକର ୧୯ଟି ପଞ୍ଚାୟତର ୨/୪ଟି ପଞ୍ଚାୟତ ଛାଡ଼ିଦେଲେ ଅନ୍ୟ ସମସ୍ତ ପଞ୍ଚାୟତ ଦୁର୍ଗମ,ପାହାଡ଼ିଆ ଅଞ୍ଚଳରେ ରହିଛି। ଅନ୍ୟ ୧୪ଟି ପଞ୍ଚାୟତରେ ଥିବା ବିଦ୍ୟାଳୟଗଡ଼ିକ ବିଭିନ୍ନ କାର୍ଯ୍ୟରେ ବିଇଓଙ୍କ କାର୍ଯ୍ୟାଳୟ ଉପରେ ନିର୍ଭର କରୁଛନ୍ତି। ତୁରନ୍ତ ଏହି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଚିତ୍ରକୋଣ୍ଡାରେ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହେଉଛି।

## ସଠିକ ପରୀକ୍ଷା ମହିଳାଙ୍କ ଜୀବନ ରଖିଲା

**କୋରାପୁଟ,୨୨।୩(ସ୍ୱ.ପ୍ର.)**

ସଠିକ୍ ଅଲଟ୍ରାସାଉଣ୍ଡ ପରୀକ୍ଷା ରିପୋର୍ଟ ହେତୁ ଜଣେ ମହିଳାଙ୍କ ଜୀବନ ବଞ୍ଚିଯାଇଛି। କୋଟିଆ ପଞ୍ଚାୟତ ଟାଉପଦର ଗ୍ରାମର ରାସ ଖିଲଙ୍କ ଦୀର୍ଘ ୧୮ ବର୍ଷ ହେଲା କୌଣସି ସନ୍ତାନ ହେଉ ନ ଥିଲା। ସେ ନିୟମିତ ଚିକିତ୍ସିତ ହୋଇ ଔଷଧ ଖାଇ ଗତ ୪ ମାସ ହେଲା ଗର୍ଭବତୀ ହୋଇଥିଲେ । କୌଣସି କାରଣରୁ ତାଙ୍କ ପେଟରେ ଯନ୍ତ୍ରଣା ହେବାରୁ ସେ ଆଶାକର୍ମୀ ସୁନିତା ପାଙ୍ଗିଙ୍କ ସହ କୋରାପୁଟ ଆସି ପୁଷ୍ପଲତା କ୍ଲିନିକରେ ପରୀକ୍ଷା କରିଥିଲେ । ସେଠାରେ ଦୀର୍ଘ ସମୟ ଧରି ବିଳମ୍ବ ହେବାରୁ କୋରାପୁଟ ମେଡିକାଲର ଡାକ୍ତର ମୁକ୍ତିକାନ୍ତ ଖଟୁଆଙ୍କ ପରାମର୍ଶ ନେଇଥିଲେ। ତାଙ୍କର ଅଲଟ୍ରାସାଉଣ୍ଡ କରାଯାଇଥିଲା। ଏହାର ସଠିକ୍ ରିପୋର୍ଟ ଉପରେ ଡା. ଖଟୁଆ ଗୁରୁତ୍ୱାରୋପ କରିଥିଲେ। ରିପୋର୍ଟ ଆସିବା ପରେ ତାଙ୍କ ପେଟରେ ଯାଆଁଳା ସନ୍ତାନ ଥିବା ଜଣାପଡିଥିଲା। ତୁରନ୍ତ ତାଙ୍କୁ କୋରାପୁଟ ମେଡିକାଲ କଲେଜ ପଠାଯାଇଥିଲା । ସେଠାରେ ସମସ୍ତ ପରୀକ୍ଷା ନିରୀକ୍ଷା ପରେ ରାସଙ୍କ ଜରୁରୀ ଡେଲିଭରି କରାଯାଇଥିଲା । ତେବେ ତାଙ୍କର ଦୁଇଟି ଯୋଡା ଯାଇଥିବା ଶିଶୁ ଜନ୍ମ ହୋଇଥିଲେ। ଶିଶୁର ମୁଣ୍ଡ ଗୋଟିଏ ଥିବାବେଳେ ୪ଟି ହାତ , ୪ଟି ଗୋଡ ରହିଥିବା ଦେଖିବାକୁ ମିଳିଥିଲା ।

## ୪ ଗ୍ରାମର ଗ୍ରାମବାସୀଙ୍କ ଧାରଣା

**ଲମତାପୁଟ, ୨୨।୩(ଡି.ଏନ.ଏ.)**


ଧାରଣାରେ ବସିଥିବା ଗ୍ରାମବାସୀ।

କୋରାପୁଟ ଜିଲା ଲମତାପୁଟ ବ୍ଲକ ଡାବୁଗୁଡା ପଞ୍ଚାୟତର ବିଚ୍ଛିନ୍ନାଞ୍ଚଳ ୪ଟି ଗ୍ରାମର ଗ୍ରାମବାସୀ ବିଭିନ୍ନ ସମସ୍ୟା ସମାଧାନ ନେଇ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ। କୋଲାବ ଜଳଭଣ୍ଡାର ବିଚ୍ଛିନ୍ନାଞ୍ଚଳରେ ରହିଥିବା ପାତ୍ରପୁଟ, ପଦାଛେଣ୍ଡା, ମାଳିଛେଣ୍ଡା, ଖମାରି ଗ୍ରାମବାସୀ ଡଙ୍ଗାରେ ଜଳଭଣ୍ଡାର ପାରିହୋଇ ଡାବୁଗୁଡା ପଞ୍ଚାୟତ ଅଫିସକୁ ରାଶନ ଓ ଭତ୍ତା ନେବାକୁ ଆସି ବହୁ ଅସୁବିଧା ଭୋଗୁଛନ୍ତି। ୩ମାସ ହେଲା ସେମାନେ ପିଡିଏସ ଚାଉଳ ପାଇନାହାନ୍ତି। ଡ଼ାବୁଗୁଡ଼ା ପଞ୍ଚାୟତରେ ରହିଥିବା ଗ୍ରାମବାସୀଙ୍କୁ ପାତ୍ରପୁଟଠାରେ କରୋସିନ, ଚାଉଳ, ବାର୍ଦ୍ଧକ୍ୟ ଭତ୍ତା ସହ ସ୍ୱାସ୍ଥ୍ୟ ସେବା ସୁବିଧା ଦେବାକୁ ଦାବିକରି ଗ୍ରାମବାସୀ ଧାରଣା ବସିଥିଲେ। ଏ ସମ୍ପର୍କରେ ପୂର୍ବରୁ ବିଡିଓ ଯୋଗାଣ ନିରୀକ୍ଷକଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ନ ମିଳିବାରୁ ଏପରି ନିଷ୍ପତ୍ତି ନେଇଥିଲେ। ଡାବୁଗୁଡ଼ା ସରପଞ୍ଚ, ପଦୁ ମୁଦୁଲି, ୱାର୍ଡସଭ୍ୟ ପଦ୍ମନାଭ ବାଙ୍କିଆ, ବ୍ଲକ କଂଗ୍ରେସ ସଭାପତି ଲବକୁଶ ଖେମୁଣ୍ଡ, ଭାଜପା ବ୍ଲକ ସଭାପତି ଈଶ୍ୱର ଚନ୍ଦ୍ର ଦାର୍ଲି, ସମିତିସଭ୍ୟ ନିନିଗୁରୁ ଖରା, ରାମଚନ୍ଦ୍ର ପଡ଼ାଲ,ଏମ୍‌ପି ପ୍ରତିନିଧି ରାମଚନ୍ଦ୍ର ପାଙ୍ଗି, ଜଗନ୍ନାଥ ବାଙ୍କିଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ରେଶମ ଚାଷ ନେଇ ପ୍ରଶିକ୍ଷଣ

**କୋରାପୁଟ,୨୨।୩(ସ୍ୱ.ପ୍ର.)**

ଲାଣ୍ଡିଗୁଡାସ୍ଥିତ ଆଞ୍ଚଳିକ ରେଶମ ଗବେଷଣା ପ୍ରତିଷ୍ଠାନଠାରେ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଦୁଇଦିନିଆ ରେଶମ ଚାଷ ସମ୍ପର୍କିତ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଛି । ମଲବରୀ ଚାଷ, ପୋକ ସଂଗ୍ରହ ପ୍ରଣାଳୀ, ଚାଷର ପ୍ରକ୍ରିୟାକରଣ ସମ୍ପର୍କରେ ଅବଗତ କରାଯାଇଥିଲା। ପିଏ ଆଇଟିଡିଏ କାରୁ ସୋରେନ, ସ୍ୱତନ୍ତ୍ର ଅଧିକାରୀ ମହେଶ ପ୍ରସାଦ ମହାପାତ୍ର, ପ୍ରକଳ୍ପ ପରିଚାଳକ ସତ୍ୟ ରଞ୍ଜନ ମହାନ୍ତି, କୃଷି ଅଧିକାରୀ ଶିବ ପ୍ରସାଦ ବେହେରା, ପ୍ରଶିକ୍ଷକ ଏସ. ଡାଲି, ବୈଜ୍ଞାନିକ ଡି.ଏସ. ଆଲାମ, ସିୱାଇଏସଡି ଏକ୍ସପର୍ଟ ରଣବିତ ଦେବତା, ରତନ ଜାନି, ମୁକ୍ତା ଜାନି, ଟଙ୍କମଣି ଜାନି ଉପସ୍ଥିତ ଥିଲେ।


ପ୍ରଶିକ୍ଷଣ ଶିବିରରେ ଅତିଥିମାନେ ।

## ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ

**ଜୟପୁର,୨୨।୩ (ନି.ପ୍ର. )**

ରାଜ୍ୟ ଏଆଇଟିୟୁସିର ଆହ୍ୱାନରେ ସୋମବାର ଜିଲା ଏଆଇଟିୟୁସି ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିରେ ମୁଖ୍ୟତଃ ସଂଶୋଧିତ ନୂତନ ଶ୍ରମ ଆଇନ ବାତିଲ କରିବା, କୃଷି ଆଇନ ବାତିଲ, ରାଜ୍ୟର ସମସ୍ତ ବନ୍ଦ କଳକାରଖାନା ଖୋଲିବା, ଶ୍ରମିକଙ୍କୁ ରୋଜଗାର ଦେବା, ଜୟପୁର ସେବା କାଗଜ କଳ ପୁନଃ କାର୍ଯ୍ୟକ୍ଷମ କରିବା, କୋଡିଙ୍ଗାମାଳି ଖଣି ଶ୍ରମିକଙ୍କୁ ଛଟେଇ ବନ୍ଦ କରି ସମସ୍ତଙ୍କୁ ନିଯୁକ୍ତି ଦେବା, ଶ୍ରମ ଅଫିସରେ ପଦପଦବୀ ପୂରଣ କରିବା, ଅଙ୍ଗନୱାଡ଼ି, ଆଶାକର୍ମୀ ଓ ପାଚିକା ସହାୟିକାଙ୍କୁ ଶ୍ରମିକ ମାନ୍ୟତା ଦେଇ ସର୍ବନିମ୍ନ ମାସିକ ମଜୁରି ୨୧ହଜାର କରିବା ସହ ଅନ୍ୟାନ୍ୟ ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହିଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ରାମକୃଷ୍ଣ ଦାସ, ଧର୍ମେନ୍ଦ୍ର ବାଘ, ଅନିଲ ଗରଡାଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

## ବିଏସ୍‌ଏଫ ପକ୍ଷରୁ ଜନସମ୍ପର୍କ ଶିବିର

**ଚିତ୍ରକୋଣ୍ଡା, ୨୨।୩ (ଡି.ଏନ.ଏ.)**

ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଯୋଡ଼ାମ୍ବ ପଞ୍ଚାୟତର ଜନ୍ତୁରାଇ ଗ୍ରାମରେ ବିଏସ୍‌ଏଫ ପକ୍ଷରୁ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ଗତବର୍ଷ ଜାନୁଆରୀ ୨୫ରେ ଏହି ଗ୍ରାମରେ ମାଓବାଦୀଙ୍କ ସହ ମୁକାବିଲା ବେଳେ ଗ୍ରାମର ୪ଜଣ ମହିଳା ନିଜ ଜୀବନକୁ ବାଜି ଲଗାଇ ମାଓବାଦୀଙ୍କ ସହ ଲଢେଇ କରିଥିଲେ। ସେହି ୪ ମହିଳା ସୁରଭି ହାନ୍ତାଳ,ସୌଦାମିନି ଖରା,ଲଚ୍ଛମା ବୁଦୁଡି,ସୁମିତା ମାଟାମଙ୍କୁ ଏହି ଅବସରରେ ଡିଆଇଜି ସଞ୍ଜୟ କୁମାର ସିଂ ସମ୍ମାନିତ କରିଥିଲେ। ଗ୍ରାମବାସୀଙ୍କୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରାଯାଇଥିଲା।

## ପୌରପାଳିକା ଘେରିଲେ ମହିଳା

**ଜୟପୁର,୨୨।୩ (ନି.ପ୍ର.)**


ପୌର କାର୍ଯ୍ୟାଳୟକୁ ମହିଳାମାନେ ଘେରାଉ କରିଛନ୍ତି ।

- ତରବରିଆ ଭାବେ କରାଯାଇଛି ଡ୍ରୋନ ସର୍ଭେ
- ଏଲ୍‌ଆର୍‌ସି, ଏଲ୍‌ଇସି ପ୍ରମାଣପତ୍ରରେ ତଥ୍ୟ ନାହିଁ
- ପଟ୍ଟା ନ ମିଳିଲେ ଭୋଟ ଦେବୁନି

ଓଡ଼ିଶା ଭୂମି ଅଧିକାର ନିୟମ ଅନୁଯାୟୀ ବସ୍ତି ଅଞ୍ଚଳରେ ବସବାସ କରୁଥିବା ଭୂମିହୀନଙ୍କୁ ସରକାର ଜାଗା ପଟ୍ଟା ପ୍ରଦାନ କରିବେ। ଏଥିପାଇଁ ଗତ ବର୍ଷ ଡ୍ରୋନ ମାଧ୍ୟମରେ ସର୍ଭେ କରାଯାଇ ଏଲଆରସି ଓ ଏଲଇସି ଯୋଗ୍ୟତା ପ୍ରମାଣପତ୍ର ଅନେକଙ୍କୁ ପ୍ରଦାନ କରାଯାଇଥିଲା। ମାତ୍ର ଜୟପୁର ସହରରେ ଏମିତି ଅନେକ ବସ୍ତି ରହିଛି ଯେଉଁସବୁ ବସ୍ତିକୁ ସର୍ଭେରେ ସାମିଲ କରାଯାଇନାହିଁ। ସହରର କେବଳ ୨୮ଟି ବସ୍ତିରେ ସର୍ଭେ କରାଯାଇଛି। ଅନେକ ବସ୍ତିବାସିନ୍ଦା ପଟ୍ଟା ପାଇନାହାନ୍ତି। ସେମାନେ ଅନେକ ଥର ଏନେଇ ପୌର କାର୍ଯ୍ୟାଳୟକୁ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ସୋମବାର ଶତାଧିକ ମହିଳା ପୌରପାଳିକା କାର୍ଯ୍ୟାଳୟ ଘେରାଉ କରିଥିଲେ। ଯୁବସଙ୍ଗଠନର ଆବାହକ ରବୀନ୍ଦ୍ର ମହାପାତ୍ର ଏହାର ନେତୃତ୍ୱ ନେଇଥିଲେ। ଏଥିରେ କୋରାପୁଟର ପୂର୍ବତନ ଏମ୍‌ପି ହେମା ଗମାଙ୍ଗ, ଶିଶିର ଗମାଙ୍ଗ, କେ.ନଗରାଜ ଦୋରା ପ୍ରମୁଖ ସାମିଲ ହୋଇଥିଲେ। ଦୁଇ ତିନି ବର୍ଷ ହେଲା ଜମି ପଟ୍ଟା ପାଇଁ ବାରମ୍ବାର ପୌରପାଳିକାକୁ ଆସି ସୁଫଳ ମିଳୁନି। ପଟ୍ଟା ନ ମିଳିଲେ ଆଗାମୀ ଦିନରେ ଆମେ ଭୋଟ ଦେବେନାହିଁ ବୋଲି ମହିଳାମାନେ କହିଛନ୍ତି। ଜୟପୁର ସହରରେ ୨୦୧୯ ନିର୍ବାଚନ ସମୟରେ ତରବରିଆ ଭାବେ ୨୮ଟି ବସ୍ତିରେ ଡ୍ରୋନ୍ ସର୍ଭେ ହୋଇଛି। ୨୪୫୫ ଜଣଙ୍କୁ ଏଲ୍‌ଆର୍‌ସି ଏବଂ ୧୯୭୫ ଜଣଙ୍କୁ ଏଲ୍‌ଇସି ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଯେଉଁମାନେ ପ୍ରମାଣପତ୍ର ପାଇଛନ୍ତି ସେଥିରେ ତାରିଖ ନାହିଁ, ପ୍ଲଟ୍ ନମ୍ବର ନାହିଁ, ଜମିର ପରିମାଣ ମଧ ଲେଖାହୋଇ ନାହିଁ। ସମସ୍ତ ହିତାଧିକାରୀଙ୍କୁ ଠିକ୍ ପଟ୍ଟା ପ୍ରଦାନ ନ କଲେ ଆଇନର ଆଶ୍ରୟ ନିଆଯିବ ବୋଲି ଆବାହକ ମହାପାତ୍ର ଚେତାବନୀ ଦେଇଛନ୍ତି।

